# NATIONAL NEWS BULLETIN (ODIA)
## 4 November - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ମହିଳା ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି, କହିଲେ ରାଷ୍ଟ୍ରପତି ।
- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଝାଡ଼ଖଣ୍ଡରେ ନିରାପତ୍ତା, ସ୍ଥିରତା ଏବଂ ସମୃଦ୍ଧିର ପ୍ରତିଶ୍ରୁତି ନେଇ ନିର୍ବାଚନ ଲଢୁଛି ବିଜେପି ।
- କେରଳ, ପଞ୍ଜାବ ଏବଂ ଉତ୍ତର ପ୍ରଦେଶର ୧୪ଟି ବିଧାନସଭା ଉପନିର୍ବାଚନର ତାରିଖ ପରିବର୍ତ୍ତନ କଲେ ନିର୍ବାଚନ ଆୟୋଗ ।
- ଉତ୍ତରାଖଣ୍ଡର କୁପି ଠାରେ ଆଜି ଏକ ସଡ଼କ ଦୁର୍ଘଟଣାରେ ୩୬ ଜଣଙ୍କ ମୃତ୍ୟୁ ।

ଏବଂ

- ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆସନ୍ତାକାଲି ନିଆଯିବ ଭୋଟ ।

## ପ୍ରେଜ୍‌-ଏଭିଏସନ୍‌ ଓ୍ୱିମେନ୍‌ ମିଟ୍‌

ଦେଶର ବେସାମରିକ ବିମାନ ଚଳାଚଳ କ୍ଷେତ୍ରର ବିଭିନ୍ନ ପରିଚାଳନାଗତ ଏବଂ ବୈଶୟିକ କ୍ଷେତ୍ରରେ ମହିଳାମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଗତ ବର୍ଷ ବାଣିଜ୍ୟିକ ଲାଇସେନ୍ସ ପାଇଥିବା ପାଇଲଟଙ୍କ ମଧ୍ୟରୁ ୧୮ ପ୍ରତିଶତ ମହିଳା ଅଛନ୍ତି ବୋଲି ସେ କହିଛନ୍ତି । ରାଷ୍ଟ୍ରପତି ଭବନରେ ଆଜି ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର କିଛି ମହିଳାଙ୍କ ସହ ରାଷ୍ଟ୍ରପତି ଆଲୋଚନା କରିବା ଅବସରରେ ଏହା କହିଛନ୍ତି । 'ଲୋକଙ୍କ ସହ ରାଷ୍ଟ୍ରପତି' କାର୍ଯ୍ୟକ୍ରମ ଅଧୀନରେ ଏହି ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା । ଲୋକଙ୍କ ସହ ସମ୍ପର୍କ ସ୍ଥାପନ ଏବଂ ସେମାନଙ୍କ ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଏଭଳି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ।

## ପିଏମ୍‌-ଝାଡ଼ଖଣ୍ଡ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଝାଡ଼ଖଣ୍ଡରେ ନିରାପତ୍ତା, ସ୍ଥିରତା ଏବଂ ସମୃଦ୍ଧିର ପ୍ରତିଶ୍ରୁତି ନେଇ ବିଜେପି ନିର୍ବାଚନ ଲଢୁଛି । ଝାଡ଼ଖଣ୍ଡର ଗଢ଼ଓ୍ୱା ସ୍ଥିତ ଚେତନା ମଇଦାନ ଠାରେ ଆଜି ଏକ ନିର୍ବାଚନୀ ସଭାକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାର ପାଞ୍ଚ ବର୍ଷ କାର୍ଯ୍ୟକାଳ ମଧ୍ୟରେ

ଝାଡ଼ଖଣ୍ଡବାସୀ ପ୍ରତାରିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଚାଇଁବାସା ଠାରେ ବିଜୟ ସଂକଳ୍ପ ସଭାକୁ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟରେ ଆଦିବାସୀଙ୍କୁ ସଶକ୍ତ କରିବା ଲାଗି କେନ୍ଦ୍ର ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ଝାଡ଼ଖଣ୍ଡରେ ଜେ.ଏମ୍.ଏମ୍. ନେତୃତ୍ୱାଧୀନ ସରକାର ଅମଳରେ ତୁଷ୍ଟିକରଣ ରାଜନୀତି ଶୀର୍ଷ ସ୍ଥାନରେ ପହଞ୍ଚିଛି । ଝାଡ଼ଖଣ୍ଡରେ ଦୁର୍ନୀତି ଏକ ଶିଳ୍ପରେ ପରିଣତ ହୋଇଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

## ଇସିଆଇ-ଉପନିର୍ବାଚନ

କେରଳ, ପଞ୍ଜାବ ଏବଂ ଉତ୍ତରପ୍ରଦେଶର ୧୪ଟି ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନର ତାରିଖ ପରିବର୍ତ୍ତନ କରାଯାଇଛି । ନିର୍ବାଚନ ଆୟୋଗ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିଛନ୍ତି । ସେହି ନିର୍ବାଚନ ମଣ୍ଡଳୀ ଗୁଡ଼ିକରେ ଆସନ୍ତା ୧୩ ତାରିଖ ପରିବର୍ତ୍ତେ ୨୦ ତାରିଖରେ ମତଗ୍ରହଣ କରାଯିବ । ତେବେ ଭୋଟ ଗଣତି ତାରିଖ ଅପରିବର୍ତ୍ତିତ ରହିଛି ବୋଲି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ବିଭିନ୍ନ ରାଜନୈତିକ ଦଳ ଏବଂ ସାମାଜିକ ସଂଗଠନ ଗୁଡ଼ିକ ପକ୍ଷରୁ ନିର୍ବାଚନ ଆୟୋଗଙ୍କୁ ଦିଆଯାଇଥିବା ପ୍ରସ୍ତାବ ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ନିଆଯାଇଛି । ସେହିସବୁ ଅଞ୍ଚଳରେ ଆସନ୍ତା ୧୩ ତାରିଖରେ ବ୍ୟାପକ

ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟକ୍ରମ ରହିଥିବାରୁ ମତଗ୍ରହଣ ତାରିଖ ପରିବର୍ତ୍ତନ କରାଯିବା ନେଇ ଆୟୋଗଙ୍କୁ ପ୍ରସ୍ତାବ ଦିଆଯାଇଥିଲା ।

## ମହାରାଷ୍ଟ୍ର ଇଲେକ୍‌ସନ୍

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଆଜି ଥିଲା ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ । ମହାୟୁତି ମେଣ୍ଟ ଏବଂ ବିରୋଧୀ ରାଜନୈତିକ ମେଣ୍ଟ ମହା ବିକାଶ ଅଘାଡ଼ି ଏବଂ ଅନ୍ୟ ରାଜ୍ୟନୈତିକ ଦଳ ଗୁଡ଼ିକ ସେମାନଙ୍କ ବିଦ୍ରୋହୀ ପ୍ରାର୍ଥୀଙ୍କୁ ବୁଝାଇବା ପାଇଁ ପ୍ରୟାସ କରିଥିଲେ । ଏଥିପାଇଁ ରାଜ୍ୟରେ ରାଜନୈତିକ ଗତିବିଧି ମଧ୍ୟ ତ୍ୱରାନ୍ୱିତ ହୋଇଥିଲା । ଆମ ମୁମ୍ବାଇ ସମ୍ବାଦଦାତାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ  ନାନ୍ଦେଡ଼ ଜିଲ୍ଲାର ତିନୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି । ବୋରିଭାଲି ନିର୍ବାଚନ ମଣ୍ଡଳୀରୁ ବିଦ୍ରୋହୀ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ବିଜେପି ନେତା ଗୋପାଳ ସେଟ୍ଟୀ ତାଙ୍କର ନାମାଙ୍କନ ପ୍ରତ୍ୟାହାର କରିଛନ୍ତି । ଅନ୍ୟାନ୍ୟ ରାଜନୈତିକ ଦଳ ଗୁଡ଼ିକର କେତେକ ବିଦ୍ରୋହୀ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିଥିବା ଜଣାପଡ଼ିଛି ।

ଅନ୍ୟ ପକ୍ଷରେ କଂଗ୍ରେସ ଏବଂ ଅନ୍ୟ ରାଜନୈତିକ ଦଳର ଅଭିଯୋଗକୁ ଭିତ୍ତି କରି ନିର୍ବାଚନ କମିଶନ୍ ମହାରାଷ୍ଟ୍ର ପୁଲିସ୍ ମହାନିର୍ଦ୍ଦେଶକ ରଶ୍ମୀ ଶୁକ୍ଲାଙ୍କ ବଦଳୀ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି

ପଦରେ ନିଯୁକ୍ତି ଲାଗି ଆସନ୍ତାକାଲି ସୁଦ୍ଧା ୩ ଜଣ ଆଇ.ପି.ଏସ୍. ଅଧିକାରୀଙ୍କ ନାମ ପଠାଇବାକୁ ନିର୍ବାଚନ କମିଶନ୍ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇତିମଧ୍ୟରେ ମୁମ୍ବାଇ ପୁଲିସ୍ କମିଶନରଙ୍କୁ ମହାରାଷ୍ଟ୍ର ପୁଲିସ୍ ମହାନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।

## ଭିପି-ଆଇଆଇପିଏ

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି, ପକ୍ଷପାତ ବିନା ଦେଶର ନାଗରୀକଙ୍କ ସେବା କରିବା ପାଇଁ ସାଧାରଣ ପ୍ରଶାସନ ଅଧିକାରୀ ପ୍ରତିଶ୍ରୁତିବଦ୍ଧ ହେବା ଉଚିତ୍ । ନୂଆଦିଲ୍ଲୀ ଠାରେ ଆଜି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଆଡ୍‌ମିନ୍‌ଷ୍ଟ୍ରେସନ୍ ଆଇ.ଆଇ.ପି.ଏ. ସାଧାରଣ ପରିଷଦର ୭୦ତମ ବାର୍ଷିକ ବୈଠକରେ ଯୋଗଦେଇ ଶ୍ରୀ ଧନଖଡ଼ ଏହା କହିଛନ୍ତି । ସେ କହିଛନ୍ତି, ସମାଜର ଆବଶ୍ୟକତାକୁ ଆକଳନ କରିବାରେ ତଥ୍ୟ ହେଉଛି ଭିତ୍ତିଭୂମି ଏବଂ ମୌଳିକ ଆଧାର । ଏହା ସୁ-ଶାସନକୁ ପ୍ରୋତ୍ସାହିତ କରିଥାଏ । ନୂତନ ଅପରାଧୀକ ଆଇନ୍ ଗୁଡ଼ିକ ଉପନିବେଶିକ ପରମ୍ପରାରୁ ଦେଶକୁ ମୁକ୍ତ କରିଛନ୍ତି । ଏହା ଏକ ବିରାଟ ଏବଂ ବୈପ୍ଲବିକ ପରିବର୍ତ୍ତନ । ପିଡ଼ିତାଙ୍କ ସ୍ୱାର୍ଥରକ୍ଷା ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ଲକ୍ଷ୍ୟରେ ଏହି ଆଇନ୍ ଗୁଡ଼ିକୁ ପ୍ରବର୍ତ୍ତନ କରାଯାଇଛି । ପ୍ରଶାସନିକ କର୍ମଚାରୀଙ୍କ ସମସ୍ୟା ସମାଧାନ ଦକ୍ଷତା ବୃଦ୍ଧି ଏବଂ ନୈତିକ ନେତୃତ୍ୱକୁ ସୁଦୃଢ଼ କରିବା ଉପରେ ଶ୍ରୀ ଧନଖଡ଼ ଗୁରୁତ୍ୱାରୋପ କରିଛନ୍ତି । ଏହି ଅବସରରେ ଶ୍ରୀ

ଧନଖଡ଼ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

## ଜୟଶଙ୍କର

ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଆଜି ବ୍ରିସ୍‌ବେନ୍‌ରେ ଭାରତର ନୂଆ ମହାବାଣିଜ୍ୟିକ ଦୂତାବାସ ଉଦ୍‌ଘାଟନ କରିଛନ୍ତି । ଡକ୍ଟର ଜୟଶଙ୍କର କହିଛନ୍ତି ଏହି ଦୂତାବାସ କ୍ୱିନ୍ସଲ୍ୟାଣ୍ଡ୍ ସହ ଭାରତର ସମ୍ବନ୍ଧକୁ ଆହୁରି ଦୃଢ଼ କରିବା ସହ ବାଣିଜ୍ୟ ବୃଦ୍ଧି, ଶୈକ୍ଷିକ ସଂପର୍କରେ ଅଗ୍ରଗତି ଏବଂ ପ୍ରବାସୀ ଭାରତୀୟଙ୍କୁ ସୁବିଧା ଯୋଗାଇବା କ୍ଷେତ୍ରରେ ସହାୟକ ହେବ । ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ କ୍ଷେତ୍ରରେ ଏହି ଦୂତାବାସ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାରେ ରହୁଥିବା ଭାରତୀୟଙ୍କୁ ମହାବାଣିଜ୍ୟିକ ଦୂତାବାସ ପ୍ରତିଷ୍ଠା ନେଇ ଦେଇଥିବା ପ୍ରତିଶ୍ରୁତି ଆଦି ପୂରଣ ହୋଇଛି ।

ଏହି ଅବସରରେ ଡକ୍ଟର ଜୟଶଙ୍କର କ୍ୱିନ୍ସଲ୍ୟାଣ୍ଡର ଗଭର୍ଣ୍ଣର ଡକ୍ଟର ଜିନେଟର ୟଙ୍ଗ ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ବୈଠକରେ ଉଭୟ ନେତା ଭାରତ ଏବଂ କ୍ୱିନ୍ସଲ୍ୟାଣ୍ଡ ମଧ୍ୟରେ ଆର୍ଥିକ, ବାଣିଜ୍ୟିକ ଏବଂ ପୁଞ୍ଜି ନିବିଯୋଗ କ୍ଷେତ୍ରକୁ ଅଧିକ ଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି ।

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଭାରତ-ଅଷ୍ଟ୍ରେଲିଆ ଦ୍ୱିପାକ୍ଷିକ ସମ୍ପର୍କ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ଗତ ଜୁନ୍ ମାସରେ ପପୁଆ ନ୍ୟୁଗିନିକୁ ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ଅଷ୍ଟ୍ରେଲିଆର ସହାୟତାକୁ ବୈଦେଶିକ ମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି ।

## ମଷ୍ଟ-ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଲାଇଭ୍ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍' ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ ।ଆଜିର ବିଷୟ ବସ୍ତୁ ରହିଛି 'ସାଇବର ଅପରାଧର ମୁକାବିଲା'। ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ରର ନିର୍ଦ୍ଦେଶିକା ରୂପା ଏମ୍ ଏବଂ ଦିଲ୍ଲୀ ପୁଲିସର ସ୍ପେଶାଲ୍ ସେଲ୍ର ଯୁଗ୍ମ ପୁଲିସ କମିସନର ରଜନୀଶ ଗୁପ୍ତା ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଯୋଗଦେଇ ଶ୍ରୋତାମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ସାଇବର ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ଆମର ବିଶେଷଜ୍ଞମାନଙ୍କୁ ପଚାରିବାର ସୁଯୋଗ ପାଇବେ ।

ଏଥିରେ ଅଂଶଗ୍ରହଣ କରିବା ପାଇଁ ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର 011- 23421050 ଓ 011-23314444 କୁ ଡାଏଲ୍ କରି ନିଜର ପ୍ରଶ୍ନ ପଚାରିପାରିବେ।

ବିକଳ୍ପ ଭାବରେ, ଶ୍ରୋତାମାନେ ହ୍ୱାଟ୍ସଆପ୍ ନମ୍ବର 9289094044 ମାଧ୍ୟମରେ ଆପଣଙ୍କ ନିଜ ପ୍ରଶ୍ନ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଆସ୍କ–ଏୟାର ହ୍ୟାସଟ୍ୟାଗ୍ ସହ ନିଜ ପ୍ରଶ୍ନ ପୋଷ୍ଟ କରିପାରିବେ।

# ୟୁଏସ୍-ଇଲେକ୍ସନ

ଆମେରିକାର ୪୭ତମ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଆସନ୍ତାକାଲି ମତଦାନ ହେବ । ଏଥିରେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ଏବଂ ଡେମୋକ୍ରାଟିକ୍ ନେତା କମଳା ହାରିସ୍ଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାର ସମ୍ଭାବନା ରହିଛି । ହ୍ୱାଇଟ୍ ହାଉସ୍ ପାଇଁ ଗତ ଦଶନ୍ଧିରେ ହୋଇଥିବା ସମସ୍ତ ରାଷ୍ଟ୍ରପତି ନିର୍ବାଚନ ମଧ୍ୟରେ ଆସନ୍ତାକାଲିର ନିର୍ବାଚନକୁ କଡ଼ା ମୁକାବିଲା ସଂପନ୍ନ ବୋଲି ବିଚାର କରାଯାଉଛି । ଉଭୟ ପ୍ରାର୍ଥୀ ଆମେରିକାର ପ୍ରମୁଖ ରାଜ୍ୟ ଗୁଡ଼ିକର ମତଦାତାଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ଲାଗି ସମସ୍ତ ଉଦ୍ୟମ କରିଛନ୍ତି ।

ନିର୍ବାଚନରେ ବିଜୟଲାଭ ପାଇଁ ଜଣେ ପ୍ରାର୍ଥୀଙ୍କୁ ୨୭୦ଟି ଇଲେକ୍ଟୋରାଲ୍ କଲେଜ ଭୋଟ୍ର ଆବଶ୍ୟକତା ପଡ଼ିବ । ଜନମତ

ସର୍ବେକ୍ଷଣ ଅନୁଯାୟୀ ଏହି ନିର୍ବାଚନର ଫଳାଫଳ ଆରିଜୋନା, ନେବାଡା, ୱିସ୍‌କନ୍‌ସିନ୍, ମିସିଗାନ୍, ପେନ୍‌ସିଲ୍‌ଭାନିଆ, ଉତ୍ତର କାରୋଲିନା ଏବଂ ଜର୍ଜିଆର ନିର୍ବାଚନ ପରିଣାମ ଉପରେ ନିର୍ଭର କରିବ ବୋଲି ଜଣାପଡ଼ିଛି ।

ରିପବ୍ଲିକାନ୍ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଉତ୍ତର କାରୋଲିନାର କିଙ୍ଗ୍‌ଷ୍ଟନ୍‌ରେ ର୍‍ୟାଲି କରିଥିବା ବେଳେ ଡେମୋକ୍ରାଟିକ୍ ପ୍ରାର୍ଥୀ କମଳା ହାରିସ୍’ ମିସିଗାନ୍‌ରେ ର୍‍ୟାଲି କରିଛନ୍ତି । ଉଭୟ ନେତା ବିଭିନ୍ନ ବିଶ୍ୱସ୍ତରୀୟ ପ୍ରସଙ୍ଗ ନେଇ ଭୋଟରଙ୍କୁ ନିଜ ସପକ୍ଷରେ ଭୋଟ୍ ଦେବା ଲାଗି ପ୍ରବର୍ତ୍ତାଇଛନ୍ତି ।